ଧରିତ୍ରୀ
DHARITRI
ମଙ୍ଗଳବାର, ୧୨ ଏପ୍ରିଲ, ୨୦୨୨



## ଜ୍ୟୋତିବରାଓ ଫୁଲେଙ୍କ ଜନ୍ମ ବାର୍ଷିକୀ

କୋରାପୁଟ,(ସ୍ୱ.ପ୍ର.)- କୋରାପୁଟଠାରେ ସୋମବାର ବିଶିଷ୍ଟ ସମାଜ ସଂସ୍କାରକ ଜ୍ୟୋତିବାରାଓ ଫୁଲେଙ୍କ ଜନ୍ମବାର୍ଷିକୀ ପାଳନ ହୋଇଛି। ଅବିଭକ୍ତ ମାଳି ସମାଜ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କଳା ନିକେତନ ଛକରୁ ବିକାଶ ପରିଷଦର ବହୁ ସଦସ୍ୟ ଏକତ୍ରିତ ହୋଇ ସେଠାରୁ ଏକ ବ୍ୟାନର ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସ୍ଥାନୀୟ ବାଟ ମଙ୍ଗଳା ମନ୍ଦିର ନିକଟରେ ଥିବା ଫୁଲେଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ତାଙ୍କର ସ୍ମୃତିଚାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ଯୁବ ନେତା ରୂପକ କୁମାର ତୁରୁକଙ୍କ ସମେତ ମାଳି ସମାଜ ବିକାଶ ପରିଷଦର ବହୁ ସଦସ୍ୟ ସାମିଲ ହୋଇଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଲାଞ୍ଜିଆ ସୌରା ଜନଜାତି

■ ବାରମ୍ବାର ଦାବି ପରେ ବି ବଦଳୁନି ତାଲଗୁଡ଼ ଗାଁର ଚିତ୍ର

■ ଉପଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଗୁଣପୁର,୧୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଶଗଡ଼ା ପଞ୍ଚାୟତ ତାଲଗୁଡ଼ ଗ୍ରାମରେ ରହୁଥିବା ଲାଞ୍ଜିଆ ସୌରା ଜନଜାତି ଗ୍ରାମବାସୀ ବିଭିନ୍ନ ସମସ୍ୟା ମଧ୍ୟରେ ରହିଛନ୍ତି। ପାନୀୟ ଜଳ, ରାସ୍ତା ଏବଂ ବିଦ୍ୟୁତ୍ ଭଳି ମୌଳିକ ସୁବିଧାରୁ ସେମାନେ ବଞ୍ଚିତ ଅଛନ୍ତି। ଏ ନେଇ ଅନେକ ଥର ଜଣାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେମାନଙ୍କ ବିକାଶ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ସୋମବାର ତାଲଗୁଡ଼ା ଗ୍ରାମବାସୀ ପୁଣି ଗୁଣପୁର ଉପଜିଲାପାଳ ଜେ. ସୋନାଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟାର ସମାଧାନ ଦାବି କରିଛନ୍ତି।

ଶଗଡ଼ା ପଞ୍ଚାୟତ ଅଧୀନ ତାଲଗୁଡ଼ ଗାଁରେ ୨୦ ଲାଞ୍ଜିଆ ସୌରା ଜନଜାତି ପରିବାର ବସବାସ କରୁଛନ୍ତି। ପଞ୍ଚାୟତର ବିକାଶ ପାଇଁ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି। ତଥାପି ଗ୍ରାମବାସୀ ଗାଁର ବିକାଶ ହୋଇପାରୁ ନ ଥିବା ସେମାନେ କହିଛନ୍ତି। ପୂର୍ବରୁ ବାରମ୍ବାର



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ତାଲଗୁଡ଼ ଗ୍ରାମବାସୀ।

ଅଭିଯୋଗ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନି। ତାରବେଲଠାରୁ ତାଲଗୁଡ଼ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ, ତାରବେଲଠାରୁ କିମ୍ବା ରେଗେଡ଼ସିଂଠାରୁ ତାଲଗୁଡ଼ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ଏବଂ ତାଲଗୁଡ଼ଠାରେ ପାନୀୟ ଜଳ ଯୋଗାଣ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ମାର୍ଚ୍ଚ ୪ ରେ ମଧ୍ୟ ଗ୍ରାମବାସୀ ଉପଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ।

## ସଂକ୍ଷେପରେ

### ନୂତନ ପରିବାର ଅଦାଲତ ଜଜ୍‌ଙ୍କୁ ସ୍ୱାଗତ



ନବରଙ୍ଗପୁର,୧୧।୪(ବି.ପ୍ର.)-ପରିବାର ଅଦାଲତ ବିଚାରପତି ଭାବେ ଯୋଗଦେଇଥିବା ମୁନ୍‌ରାଣୀ ମିଶ୍ରଙ୍କୁ ଜିଲା ଆଇନଜୀବୀ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। କୋଦଳା କୋର୍ଟରୁ ଆସି ସେ ସୋମବାର ପରିବାର ଅଦାଲତ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟରେ ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ଆଇନଜୀବୀମାନେ କହିଥିଲେ। ସଭାପତି ନରସିଂହନାଥ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ଉପସଭାପତି ବିଧୁଶେଖର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଅନୀଲ ଜ୍ୟୋତି ଚନ୍ଦ୍ର ଦୀନବନ୍ଧୁ, କୋଷାଧ୍ୟକ୍ଷ ବାଲାଜୀ ପ୍ରସାଦ ମିଶ୍ର, ଆଇନଜୀବୀ ସମରେଶ ଗନ୍ତାୟତ, ପୂର୍ବତନ ସମ୍ପାଦକ ମାନସ ତ୍ରିପାଠୀ, ସରକାରୀ ଆଇନଜୀବୀ ସି.ଏଚ୍. ଚନ୍ଦ୍ରଶେଖର ରାଓ, ପୂର୍ବତନ ଉପସଭାପତି ହରିନାରାୟଣ ବେହେରା, ଅନୁପମା ଗନ୍ତାୟତ, ସ୍ନେହଲତା ଦେବୀ, ଜେନିଫର୍ ସୁନା, ମୀନାକ୍ଷୀ ପାଢ଼ୀ, ପଙ୍କଜିନୀ ତ୍ରିପାଠୀ, ସଞ୍ଜୟ ପ୍ରଦୀପ ସୁନା, ପୁରୁଷୋତ୍ତମ ସାମନ୍ତ, ଗୋପାଳକୃଷ୍ଣ ପାଣିଗ୍ରାହୀ, ରାଜକିଶୋର ନାଗ, ଗଙ୍ଗାଧର ଜାନି, ସେକ୍ ବାବା ଆଲିଶା, ସୁରଜ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ବ୍ଲକ ଉପାଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ପାପଡ଼ାହାଣ୍ଡି,୧୧।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ଭାବେ ସୁଶାନ୍ତ କୁମାର ବେହେରା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଡିଓ ରଞ୍ଜିତା ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାପଡ଼ାହାଣ୍ଡି ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଏଏଇ ଦିବ୍ୟରଞ୍ଜନ ମେହେର, ଏଇ ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ ହୋଇ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲିକ ଓ ଆଇନଜୀବୀ ସ୍ୱାଧୀନ ପଟ୍ଟନାୟକ ଉପସ୍ଥିତ ସମିତି ସଭ୍ୟା ସଭ୍ୟଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶାସନ ସହ ଲୋକ ପ୍ରତିନିଧି ମିଳିମିଶି କାମ କଲେ ବ୍ଲକର ଉନ୍ନତି ହେବ ବୋଲି ବିଡିଓ କହିଥିଲେ। ବ୍ଲକର ୨୩ ପଞ୍ଚାୟତର ଯାହାବି ସମସ୍ୟା ଅଛି ସମସ୍ତେ ମିଶି ତାହାର ସମାଧାନ କରି ପାପଡ଼ାହାଣ୍ଡି ବ୍ଲକକୁ ଶୀର୍ଷରେ ପହଞ୍ଚାଇବା ବୋଲି ଉପାଧ୍ୟକ୍ଷ ବେହେରା କହିଛନ୍ତି।

### ପୋଲିସ ଜନ ସମ୍ପର୍କ ଶିବିର




ଚନ୍ଦାହାଣ୍ଡି, ୧୧।୪(ଡି.ଏନ୍.ଏ.)- ଚନ୍ଦାହାଣ୍ଡି ବ୍ଲକ ଦଲବେଡା ପଞ୍ଚାୟତରେ ନବରଙ୍ଗପୁର ଜିଲା ପୋଲିସ ପକ୍ଷରୁ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଚନ୍ଦାହାଣ୍ଡି ଥାନାଧିକାରୀ ପରମାନନ୍ଦ ସୁନାନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଲବେଡ଼ା ସରପଞ୍ଚ ଭଗବାନ ମାଝୀ ନବରଙ୍ଗପୁର ସରଜେଣ୍ଟ ଶାନ୍ତନୁ ପ୍ରଧାନ, ସୁବେଦାର ମାନସ ସେନାପତି, ନାଏବ ସରପଞ୍ଚ କଲ୍ୟାଣୀ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ଦଲବେଡା, ଜୁନାପାଣି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଦିଆଯାଇଛି। ଏହି ଅବସରରେ ଆୟୋଜିତ ଭଲିବଲ ପ୍ରତିଯୋଗିତାରେ ଭାଟିପଡା ଦଳ, କ୍ରିକେଟ ପ୍ରତିଯୋଗିତାରେ ଭାଟିପଡା ଦଲବେଡା ଦଳ ବିଜୟୀ ହୋଇଥିଲା। ଉଭୟ ଦଳକୁ ଖେଳ ଉପକରଣ ଓ ଜର୍ସି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏସ୍‌ଆଇ ବିଜୁରାମ ବାଘ ପରିଚାଳନା କରିଥିଲେ। ଏସ୍‌ଆଇ ସମୀର ପ୍ରଧାନ, ଶିବପ୍ରସାଦ ମହାନ୍ତି, ଏଏସ୍‌ଆଇ ଅମର ମିଶ୍ର, ହୃଷିକେଶ ପଟେଲ, ହାବିଲଦାର ବିଦ୍ୟୁତ କିର୍ତ୍ତନିୟା, କନଷ୍ଟେବଲ ଯୋସେଫ ସୁନା, ସ୍ୱୟମ୍ବର ମାଝି, କ୍ଷେମାମଣୀ ମାଝି, ଗୃହରକ୍ଷୀ ପ୍ରମୋଦ ସାହୁ, ତରୁଣ ତ୍ରିପାଠୀ, ବିଦ୍ୟାଧର ନେତାମ, ଚନ୍ଦ୍ରକାନ୍ତି ଜଗତ, ତିରନ ମାଝି, ରାଜୁ ଦଣ୍ଡସେନା, ଟେକଧର ଗୌଡ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର କରାଯାଇଛି। ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡ.ସନ୍ଦିପ ଶତପଥୀ, ରାଜେନ୍ଦ୍ର ମେହେର, ଶ୍ରୀନିବାସ ନାୟକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ।

# ଆନ୍ଧ୍ର ଦଲାଲଙ୍କ ଶିକାର ହେଉଛନ୍ତି ମହୁଲ ସଂଗ୍ରହକାରୀ

ପଦ୍ମପୁର,୧୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକ ଏକ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ। ବ୍ଲକ ଅନ୍ତର୍ଗତ ଲିକିଟିପଦର, ଗୁଲୁଗୁଡ଼ା, ନୂଆଗଡ଼, ତେମ୍ବାଗୁଡ଼ା, ନାଇରା, ଡେରିଙ୍ଗା, ଜାଡିଲି, ଖମାପଦର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗ୍ରାମବାସୀ ବର୍ଷର ବିଭିନ୍ନ ସମୟରେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ବର୍ଷତମାମ ଏମାନେ ଧାନ ସହ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ପରିବାର ଚଳାନ୍ତି। ମହୁଲ ଏକ ଅର୍ଥକାରୀ ଲଘୁ ବନଜାତ ଦ୍ରବ୍ୟ ହୋଇଥିବାରୁ ବର୍ଷର ତିନି ମାସ ଆଦିବାସୀ ପରିବାର ଏହାକୁ ସଂଗ୍ରହ କରି ବିକ୍ରି କରି ଚଳିଥାନ୍ତି। ହେଲେ ମହୁଲର ନିର୍ଦ୍ଦିଷ୍ଟ ସରକାରୀ ମୂଲ୍ୟ ଧାର୍ଯ୍ୟ ହୋଇ ନ ଥିବାରୁ ଏମାନେ ଏହାର ଉପଯୁକ୍ତ ମୂଲ୍ୟ ଜାଣି ନ ପାରି ଅଭାବି ବିକ୍ରିର ଶିକାର ହେଉଛନ୍ତି। ବିଶେଷକରି ଆନ୍ଧ୍ର ପ୍ରଦେଶର ଦଲାଲ ଏବଂ ସ୍ଥାନୀୟ ଅସାଧୁ ବେପାରିମାନେ ସରଳ ଆଦିବାସୀଙ୍କୁ ଠକି ଶସ୍ତାରେ ମହୁଲ କିଣି ନେଉଛନ୍ତି।

ମହୁଲ ଶୁଖିଲା ପରେ ବେପାରିମାନେ ଦଲାଲ ସାଜିଥାନ୍ତି। କମ୍ ଦରରେ କିଣି ବଜାରରେ ଏହାକୁ ଚଢ଼ା ଦରରେ ବିକ୍ରି କରିଥାନ୍ତି। ହେଲେ ସରକାରୀ ପ୍ରୋତ୍ସାହନ ଅଭାବରୁ ମହୁଲ ସଂଗ୍ରହକାରୀମାନେ ଉପଯୁକ୍ତ ମୂଲ୍ୟ ପାଇପାରୁନାହାନ୍ତି। ମହୁଲ ଫୁଲକୁ ପୋଚ କରି ଦେଶୀମଦ ତିଆରି ହେଉଥିବାରୁ ବଜାରରେ ଏହାର ଚାହିଦା ବେଶୀ। ଏହା ବ୍ୟତୀତ ମହୁଲରୁ ପୌଷ୍ଟିକ ଗୋଖାଦ୍ୟ, ମହୁଲ ପିଠା, ଲଡୁ ଏବଂ ଔଷଧୀୟ


ଗ୍ରାମବାସୀ ମହୁଲ ସଂଗ୍ରହ କରି ଶୁଖାଇଛନ୍ତି।

**ସରକାରୀ ସ୍ତରରେ ଦର ନିର୍ଦ୍ଧାରଣ, ଅଞ୍ଚଳରେ ମଣ୍ଡି ଦାବି**

ବ୍ୟବହାର ହୋଇଥାଏ। ଏହା ଲଘୁ ବନଜାତ ଦ୍ରବ୍ୟ ହୋଇଥିବାରୁ ସରକାରୀ ସ୍ତରରେ ଏହାର ମୂଲ୍ୟ ଧାର୍ଯ୍ୟ କରାଯାଇ ପ୍ରଚାର ପ୍ରସାର କଲେ ମହୁଲ ସଂଗ୍ରହକାରୀମାନେ ଏହାର ଉପଯୁକ୍ତ ମୂଲ୍ୟ ପାଇ ଲାଭବାନ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ସେହିପରି ପଦ୍ମପୁର ଅଞ୍ଚଳରେ ମହୁଲ ମଣ୍ଡି ଖୋଲିବା ନିମନ୍ତେ ଆଦିବାସୀ ମହୁଲ ସଂଗ୍ରହକାରୀମାନେ ଦାବି କରିଛନ୍ତି।

ରାଜ୍ୟ ସରକାର ୨୦୦୦ ମସିହାରେ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଏବଂ ବିକ୍ରିବଟା ଉପରେ ନୀତି ପ୍ରଣୟନ କରିଛନ୍ତି। କିନ୍ତୁ ଏଥିରେ ଦର ସମ୍ପର୍କରେ ସ୍ପଷ୍ଟ କରାଯାଇନାହିଁ। ପଞ୍ଚାୟତିରାଜ ଓ ଜଙ୍ଗଲ ବିଭାଗ ଏବଂ ଆଦିବାସୀ ଉନ୍ନୟନ ବିଭାଗ ମିଳିତଭାବେ ଦର ନିର୍ଦ୍ଧାରଣ କରିବା ନିୟମ ଥିବାବେଳେ ଏମାନଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ମହୁଲ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛୁ ବୋଲି ଅଞ୍ଚଳର ମହୁଲ ସଂଗ୍ରହକରୀ ଭାଗୀରଥି ବିଡିକା, ଛାୟାମ୍ବା ବିଡିକା ଓ ସୁଭଦ୍ରା ବିଡିକା କହିଛନ୍ତି।

# ଆଜିଠୁ ମାଁ ମଝିଘରିଆଣୀଙ୍କ ଚୈତ୍ରପର୍ବ

ରାୟଗଡ଼ା ଅଫିସ,୧୧।୪

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଚୈତ୍ରପର୍ବ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ୫ ଦିନିଆ ପର୍ବ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ସୋମବାର ମାଁଙ୍କ ଆଜ୍ଞା ଆଣି ଘଟ ସ୍ଥାପନ ପରେ ବିଶ୍ୱଯଜ୍ଞ ଅନୁଷ୍ଠିତ ହୋଇଛି। ମନ୍ଦିର ପରିସରରେ ଅସ୍ଥାୟୀ ମଣ୍ଡପ, ଯଜ୍ଞକୁଣ୍ଡ ସୁଦ୍ଧି ଆଦି ପ୍ରକ୍ରିୟା ଶେଷ ହୋଇଛି। ମଙ୍ଗଳବାର ବିଦ୍ଧିବଦ୍ଧ ମାଁଙ୍କ ଚୈତ୍ରପୂଜା ଆରମ୍ଭ ହେବ।

ବିଦ୍ଧି ଅନୁଯାୟୀ ପାଞ୍ଚ ଦିନ ଧରି ମାଁଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ପ୍ରଥମ ଦିନ ପାଦ ଉଠାଣି, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଦିନ ଗ୍ରାମ ପରିକ୍ରମା ଏବଂ ଶେଷ ଦିନରେ ଝାମିଯାତ୍ରା ହେବ।

**ଆଲୋକମାଳାରେ ଝଲସୁଛି ମନ୍ଦିର**

କରୋନା ଯୋଗୁ ଦୁଇ ବର୍ଷ ହେଲା ମାଁଙ୍କ ଚୈତ୍ରପର୍ବ କେବଳ ନୀତିକାନ୍ତିରେ ସୀମିତ ରଖାଯାଇଥିଲା। ଚଳିତ ବର୍ଷ ଚୈତ୍ରଯାତ୍ରା ଅନୁଷ୍ଠିତ ହେଉଥିବାରୁ ଜିଲା ବ୍ୟତୀତ ରାଜ୍ୟ ଏବଂ ପଡ଼ୋଶୀ ରାଜ୍ୟରୁ ମାନସିକଧାରୀ ଏବଂ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ୧୬ ରେ ମାଁଙ୍କ ପର୍ବ ସରିବ। ସେହିଦିନ ସନ୍ଧ୍ୟାରେ ଝାମିଯାତ୍ରା ଅନୁଷ୍ଠିତ ହେବ। ଉକ୍ତ ଦିନ ମାଁ ପୂଜକଙ୍କ ଦେହରେ ଆଶ୍ରୟ ନେଉଥିବାର ମାନ୍ୟତା ରହିଥିବାବେଳେ କଣ୍ଟାଦୋଳିରେ ଝୁଲିବା ଓ ଅଗ୍ନିରେ ଚାଲିବା ଆଦି ପରମ୍ପରା ରହିଛି।


ପର୍ବ ସକାଶେ ମନ୍ଦିର କମିଟିର ସଦସ୍ୟମାନେ ମାଁଙ୍କ ସୁନା ଟ୍ରେଜେରିରୁ ଆଣୁଛନ୍ତି। (ଇନ୍‌ସେଟରେ ମାଁ ମଝିଘରିଆଣୀ ।)

# କେଜିବିଭିର ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଉଦ୍‌ଘାଟିତ



ମୁନିଗୁଡ଼ା୧୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ କୁମୁଡ଼ାବାଲିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ପରିସରରେ ସୋମବାର ମନ୍ତ୍ରୀଙ୍କ ଦ୍ୱାରା ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ(ହଷ୍ଟେଲ) ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୋଭାରାଣୀ ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସମେତ ମୁନିଗୁଡ଼ା ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁକା, ବିଇଓ ଭି. ଭାସ୍କର ରାଓ, ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ବିଜେଡି ବ୍ଲକ ସଭାପତି ରତନଲାଲ ଜୈନ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ସମିତି ସଭ୍ୟ ଉଦ୍ଧବ ସିକକା, ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ହଷ୍ଟେଲରେ ବିଭିନ୍ନ ବ୍ୟବସ୍ଥାର ତଦାରଖ କରିବା ସହ ଛାତ୍ରୀମାନେ ଏଠାରେ ସୁବିଧାରେ ରହି ଭଲ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ।

### ଦାୟିତ୍ୱ ନେଲେ ନୂତନ ଆଇଟିଡିଏ ପିଏ



ଗୁଣପୁର,୧୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଆଇଟିଡିଏର ନୂତନ ପ୍ରକଳ୍ପ ପ୍ରଶାସକ(ପିଏ) ଭାବେ ଲୋକନାଥ ଦଳବେହେରା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଗୁଣପୁର ଉପଜିଲାପାଳ ତଥା ଭାରପ୍ରାପ୍ତ ପ୍ରକଳ୍ପ ପ୍ରଶାସକ ଜେ. ସୋନାଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ତାଙ୍କୁ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ତତ୍କାଳୀନ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ ୨୦୨୧ ଜୁଲାଇ ୩୧ରେ ଅବସର ନେବାପରେ ଦୀର୍ଘ ୮ ମାସ ହେଲା ଏହି ପଦବୀ ଖାଲି ପଡ଼ିଥିଲା। ଗଜପତି ଡିଆରଡିଏ ଏପିଡି ଲୋକନାଥ ଦଳବେହେରାଙ୍କୁ ମାର୍ଚ୍ଚ ୮ ରେ ବିଭାଗ ପକ୍ଷରୁ ଗୁଣପୁର ଆଇଟିଡିଏ ପିଏ ରୂପେ ବଦଳି କରାଯାଇଥିଲା।

### ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଝରିଗାଁ, ୧୧।୪(ସ୍ୱ.ପ୍ର)

ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ମାସ ୪ରୁ ଆରମ୍ଭ ହୋଇଥିବା ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ହୃଷିକେଶ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଗୋପାଳ ମହାରଣା, ଶଙ୍କର କୁମାର ନାଲା, ଅଧ୍ୟାପିକା ତୁଷାରୀ କୁମାରୀ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ,ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦିବାକର ଗୌଡ଼ ଏବଂ ସିମାଞ୍ଚଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମଟି ପରିଚାଳନା କରିଥିଲେ।

# ଆଜି କଳସୀ ମା’ ଠାକୁରାଣୀଙ୍କ ମଣ୍ଡେଇଯାତ୍ରା

ରାଇଘର, ୧୧।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ କଳସୀ ମା’ ଠାକୁରାଣୀଙ୍କ ମଣ୍ଡେଇଯାତ୍ରା ମଙ୍ଗଳବାରରୁ ଆରମ୍ଭ ହେବ। କରୋନା ମହାମାରୀ ଯୋଗୁ କଳସୀ ମା’ ଠାକୁରାଣୀଙ୍କ ଯାତ୍ରା ୨ ବର୍ଷ ହେବ ବନ୍ଦ ରହିଥିଲା। ଚଳିତ ବର୍ଷ ମହାମାରୀ ପ୍ରକୋପ ନ ଥିବାରୁ କଳସୀଯାତ୍ରା ସୁରୁଖୁରୁରେ ଶେଷ ହେବ ବୋଲି ଆଶା କରାଯାଉଛି।

ଚୈତ୍ର ମାସ ପୂର୍ବରୁ ସାତପାଲି ଗ୍ରାମ ମୁଖ୍ୟ ଏବଂ ଯୁବକ ସଂଘ ସମସ୍ତେ କଳସୀ ମା’ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଏକଜୁଟ ହୋଇ ମଣ୍ଡେଇ ଓ ଜାନିଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଚୈତ୍ର ମାସ ଚତୁର୍ଥୀ ତିଥିରେ ମା’ଙ୍କର ରୀତିନୀତି ଅନୁଯାୟୀ କଳସ ସ୍ଥାପନ କରାଯାଇଥିଲା। ଏହାପରେ ମାଁ ଗ୍ରାମ ଭ୍ରମଣରେ ବାହାରିଥିଲେ। ୮ ଦିନ ଗ୍ରାମ ଭ୍ରମଣ ପରେ ଏକାଦଶୀ ଦିନ ମା’ ନିଜ ପୀଠକୁ ଫେରିଆସନ୍ତି। ସେହି ସ୍ଥାନରେ ପରମ୍ପରା ଅନୁଯାୟୀ ଦୀର୍ଘ ବର୍ଷରୁ ମଣ୍ଡେଇଯାତ୍ରା ପାଳନ ହୋଇ ଆସୁଛି। ଏହା ୪ଦିନ ଧରି ଚାଲିବ। ଏହି ମଣ୍ଡେଇ ଉପଲକ୍ଷେ ବିଭିନ୍ନ ପ୍ରକାର ଦୋଳି ପଡ଼ିଛି। ଯାତ୍ରା ପାଇଁ ମିନାବଜାର ସହ ବିଭିନ୍ନ ଦୋକାନ ବଜାର ଲାଗିଛି। ଦୀର୍ଘ ୨ ବର୍ଷ ପରେ ପୁଣି ମଣ୍ଡେଇଯାତ୍ରା ହୋଇଥିବାରୁ ସ୍ଥାନୀୟ ଲୋକେ ଉତ୍ସାହିତ ଅଛନ୍ତି।

# ଜଙ୍ଗଲ ସୁରକ୍ଷା ନେଇ ସଚେତନ କଲା ବନ ବିଭାଗ

ଡାବୁଗାଁ,୧୧।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଜଟାବାଲ ସେକ୍ସନ ଅଧୀନ ବିଭିନ୍ନ ଗ୍ରାମରେ ବନ ବିଭାଗ ପକ୍ଷରୁ ବନ୍ୟଜନ୍ତୁ ସୁରକ୍ଷା ଓ ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନତା କରାଯାଇଛି। ପ୍ରଥମେ ସାନଓଲମା, ଭକ୍ତଗୁଡ଼ା, ମୁଦୁଲିଗୁଡ଼ା, ବାତସର, ଟଇଲାଗୁଡ଼ା, ଭେଲୁଆଗୁଡ଼ା, ଗୋଡ଼େଗାଁ, ଶିଙ୍ଗିଗୁଡ଼ା ଗ୍ରାମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହ ଚେରଚେଟା ସାପ୍ତାହିକ ହାଟ ମଧ୍ୟରେ ଡାକବାଜି ଯନ୍ତ୍ର ଦ୍ୱାରା ଜନସାଧାରଣଙ୍କୁ ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲରେ ନିଆଁ ନ ଲଗାଇବା, ଜଙ୍ଗଲର ସୁରକ୍ଷା କରିବା ସମ୍ପର୍କରେ ସଚେତନ କରାଯାଇଛି। ଯଦି କୌଣସି ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇବା ସମୟରେ ଧରାପଡ଼ନ୍ତି ତା’ହେଲେ ନିୟମାନୁସାରେ ୭ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଚେତାବନୀ ଦିଆଯାଇଛି। ଏଥିରେ ଜଟାବାଲ ଭାରପ୍ରାପ୍ତ ବନପାଳ ସୁଶାନ୍ତ ସିଂ, ବନରକ୍ଷୀ ସଦା ସାନ୍ତା, ପାରା ସ୍କ୍ୱାଡ୍, ଫାୟାର ସ୍କ୍ୱାଡ୍ ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରୁଛି।

# କଲ୍ ରେକର୍ଡ ଆଧାରରେ ଯୁବକ ଅଟକ, ଚାଲିଛି ପଚରାଉଚରା

**ଗୋଟିଏ ଗଛରେ ୩ ମୃତଦେହ ମିଳିବା ଘଟଣା**

ଉମରକୋଟ, ୧୧।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତହରାରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ୩ ବାନ୍ଧବୀଙ୍କ ମୃତଦେହ ମିଳିବା ଘଟଣାରେ ଉମରକୋଟ ପୋଲିସ ଜଣଙ୍କୁ ଅଟକ ରଖିଛି। ଘଟଣାସ୍ଥଳରୁ ମିଳିଥିବା ଏକ ମୋବାଇଲର କଲ୍ ରେକର୍ଡ ଆଧାରରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ସୋମବାର ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ଦିନେଶ ଚନ୍ଦ୍ର ନାୟକ, ଥାନାଧିକାରୀ ନରେଶ ପ୍ରଧାନ, ତଦନ୍ତ ଅଧିକାରୀ ନୀଳିମା ପାଣିଗ୍ରାହୀ, ସୌମେନ୍ଦ୍ର ସେଠୀ ପ୍ରମୁଖ ତହରା ଯାଇ ତଦନ୍ତ କରି ଫେରିଛନ୍ତି। ଘଟଣା ସମ୍ପର୍କରେ ଗ୍ରାମବାସୀ କେହି ମୁହଁ ଖୋଲୁନାହାନ୍ତି। ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଶୁଦ୍ଧିକ୍ରିୟା କରିବା ତାଙ୍କ ପକ୍ଷେ କଷ୍ଟ। ଜିଲା ପ୍ରଶାସନ ଆର୍ଥିକ ସହାୟତା ଦିଅନ୍ତୁ ବୋଲି ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ମାଝି ଦାବି କରିଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ୨ଦିନ ଭିତରେ ପରିବାର ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଦେବା ବ୍ୟବସ୍ଥା କରାଯିବ ବୋଲି ବିଡିଓ ହିମାଞ୍ଚଳ ମାଝି ସୂଚନା ଦେଇଛନ୍ତି।

# ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ

**ରାସ୍ତା ଖରାପ ଯୋଗୁ ଆସିପାରିଲାନି ଆମ୍ବୁଲାନ୍ସ**

ଝରିଗାଁ, ୧୧।୪(ସ୍ୱ.ପ୍ର)

ଗାଁକୁ ନ ଥିଲା ରାସ୍ତା, ତେଣୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଏହାପରେ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୁହାଯାଇଛି। ଏପରି ଘଟଣା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କଟନାପାଣି ଗ୍ରାମରେ ଦେଖିବାକୁ ମିଳିଛି। ଗାଁର ଜୟନ୍ତୀ ସାନ୍ତା(୨୩) ଗର୍ଭଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ତାଙ୍କୁ ଝରିଗାଁ ମେଡିକାଲ ନେବାକୁ ୧୦୮ ଆମ୍ବୁଲାନ୍ସ ସହ ଆଶାକର୍ମୀ ଦୁରମିଳା ମାଝି ଓ ପରିବାର ଲୋକେ ଯୋଗାଯୋଗ କରିଥିଲେ। ରାସ୍ତା ଭଲ ନ ଥିବାରୁ ଗାଁଠାରୁ ପ୍ରାୟ ୧କି.ମି ଦୂରରେ ଅଟକି ଯାଇଥିଲା ଆମ୍ବୁଲାନ୍ସ। ଆସନ୍ନପ୍ରସବାଙ୍କୁ ଗାଡି ନିକଟକୁ ନେବାକୁ ଆଶାକର୍ମୀଙ୍କ ସହାୟତାରେ ଷ୍ଟ୍ରେଚର ଯୋଗାଡ଼ କରାଯାଇଥିଲା। ପରିବାର ଓ ଆମ୍ବୁଲାନ୍ସ ଡ୍ରାଇଭର ବଂଶୀ ହରିଜନ ଷ୍ଟ୍ରେଚରରେ ଗର୍ଭବତୀଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜୟନ୍ତୀଙ୍କୁ ଉମରକୋଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।


ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଉଛି ।

# ବାହାରେ ବସିଲେ ଦାୟିତ୍ୱ ଗ୍ରହଣ କରିବାକୁ ଆସିଥିବା ଲୋକପ୍ରତିନିଧି

■ ଦୀର୍ଘ ସମୟ ଧରି ଆସିଲେନି ପୌରପାଳିକା କର୍ମଚାରୀ

■ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ କଲେ ଅତିରିକ୍ତ ଜିଲାପାଳ

ନବରଙ୍ଗପୁର,୧୧।୪(ବି.ପ୍ର.)

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ନବରଙ୍ଗପୁରର ନବ ନିର୍ବାଚିତ ପୌର ଉପାଧ୍ୟକ୍ଷ ଓ କାଉନ୍‌ସିଲରମାନେ ସୋମବାର ପୂର୍ବାହ୍ନରେ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ପହଞ୍ଚିଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ମଧ୍ୟ ପୌରପାଳିକାର କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଏହାପରେ ବିଧାୟକ ସେଠାରେ ପହଞ୍ଚିଥିଲେ। ବିଧାୟକ ପହଞ୍ଚିବାର ଦୀର୍ଘ ସମୟ ପରେ ମଧ୍ୟ ପୌରପାଳିକା କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଏହାକୁ ନେଇ ଲୋକପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲା ପ୍ରଶାସନକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ନିଜେ ନବ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ।

ସୋମବାର ନବରଙ୍ଗପୁର ପୌର ଉପାଧ୍ୟକ୍ଷା ଏବଂ ପୌରପାଳିକାର ୧୭ଜଣ କାଉନ୍‌ସିଲର ଦାୟିତ୍ୱ ଗ୍ରହଣ କରିବା କାର୍ଯ୍ୟକ୍ରମ ଥିଲା। ଏନେଇ ଶୁକ୍ରବାରଠାରୁ ପୌର କାର୍ଯ୍ୟାଳୟକୁ ସୂଚନା ଦିଆଯାଇଥିଲା। ସୋମବାର ସକାଳ ୯.୧୫ରେ ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର ଏବଂ କାଉନ୍‌ସିଲରମାନେ ଦାୟିତ୍ୱ ଗ୍ରହଣ ପାଇଁ ପୌର କାର୍ଯ୍ୟାଳୟରେ ଆସି ପହଞ୍ଚିଥିଲେ। ସେଠାରେ ଉପାଧ୍ୟକ୍ଷା ଓ କାଉନ୍‌ସିଲରଙ୍କୁ ସ୍ୱାଗତ କରିବା ତ ଦୂରର କଥା, ବହୁ ବିଳମ୍ବ ସତ୍ତ୍ୱେ ମଧ୍ୟ କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଉପାଧ୍ୟକ୍ଷା ଏବଂ କାଉନ୍‌ସିଲରମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କୁ ଯୋଗାଯୋଗ କରିଥିଲେ। ବିଧାୟକ ପହଞ୍ଚିବା ପରେ ମଧ୍ୟ କୌଣସି କର୍ମଚାରୀ ନ ଥିଲେ। ମଧ୍ୟାହ୍ନ ୧୨.୩୦ ପର୍ଯ୍ୟନ୍ତ ପୌର କାର୍ଯ୍ୟାଳୟର ପ୍ରତିଷ୍ଠାନ ଉପ ବିଭାଗରେ ତାଲା ଝୁଲିଥିଲା। ବିଧାୟକ ଘଟଣା ସମ୍ପର୍କରେ ନବରଙ୍ଗପୁର ଜିଲାପାଳଙ୍କୁ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅତିରିକ୍ତ ଜିଲାପାଳ ବିଧାୟକ, ଉପାଧ୍ୟକ୍ଷା ଏବଂ କାଉନ୍‌ସିଲରମାନଙ୍କୁ ବୁଝାଶୁଝା କରି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ଉପାଧ୍ୟକ୍ଷା ନିଜ କକ୍ଷକୁ ପ୍ରବେଶ କରି ଦାୟିତ୍ୱ ଗ୍ରହଣ କରିଥିଲେ।


ପୌରପାଳିକା ବାହାରେ ନବରଙ୍ଗପୁର ବିଧାୟକ ଓ ଦାୟିତ୍ୱ ନେବାକୁ ଆସିଥିବା ନବ ନିର୍ବାଚିତ ଲୋକପ୍ରତିନିଧିମାନେ।

ଉପାଧ୍ୟକ୍ଷା ଏବଂ କାଉନ୍‌ସିଲରମାନେ ନଗରପାଳ କୁନୁ ନାୟକଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ୍କାର କରିଥିଲେ। ଏ ଘଟଣାର ପୁନରାବୃତ୍ତି ନ ହେବା ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉପାଧ୍ୟକ୍ଷା ଓ କାଉନ୍‌ସିଲରମାନେ ଦାବି କରିଥିଲେ। ଏହାପରେ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ଉପସ୍ଥାନ ଦେଖିଥିଲେ। କେତେଜଣ କର୍ମଚାରୀ ଉପସ୍ଥାନ ପକାଇ ଦୀର୍ଘ ସମୟ ଧରି କାର୍ଯ୍ୟାଳୟରେ ନ ଥିବା ଅତିରିକ୍ତ ଜିଲାପାଳ ଦେଖିଥିଲେ। ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ଅତିରିକ୍ତ ଜିଲାପାଳ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ସମୟରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଯୁବ ବିଜେଡିର ଅବିଭକ୍ତ କୋରାପୁଟ ଜିଲା ଜୋନାଲ ସଭାପତି ତାପସ ତ୍ରିପାଠୀ, ନଗର ସଭାପତି ପ୍ରମୋଦ ରଥ, ପୂର୍ବତନ କାଉନ୍‌ସିଲର ସୁଧୀର ମହାପାତ୍ର, ବୁଲୁ ମହାପାତ୍ର, ସଞ୍ଜୟ ନାୟକ, ଲାଲୁ ତ୍ରିପାଠୀ, ଆର. ପୁରୁଷୋତ୍ତମ, ମନୋଜ ପାତ୍ର, କୁନା ପଣ୍ଡା, ନବ ନିର୍ବାଚିତ କାଉନ୍‌ସିଲରଙ୍କ ସମେତ ଶତାଧିକ ବିଜେଡି, ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୩ ଆହତ

ପଟ୍ଟାଙ୍ଗୀ,୧୧।୪(ଡି.ଏନ.ଏ.)- କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ମାଲିଦୁଶୁରା ବ୍ରିଜ ନିକଟରେ ସୋମବାର ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣା ସ୍ଥଳରେ ଜଣେ ମୃତ୍ୟୁବରଣ କରିଛନ୍ତି। ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି, କୁନ୍ଦୁଲି ହାଟପଦାରୁ ରେଙ୍ଗା ଅଭିମୁଖେ ଯାଉଥିବା ଏକ ବାଇକ୍ (ଓଡ଼ି ୧୦ପି-୩୫୫୪) ବିପରୀତ ଦିଗରୁ କୁନ୍ଦୁଲି ହାଟପଦା ଅଭିମୁଖେ ଆସୁଥିବା (ଓଡ଼ି ୧୦ଏମ୍-୧୩୪୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ରାଜେନ୍ଦ୍ର ଖରାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ସେହିପରି ଓଡ଼ି ୧୦ପି-୩୫୫୪ରେ ରହିଥିବା ଯୋଗେନ୍ଦ୍ର ବୁରୁଡିଙ୍କ ଡାହାଣ ଗୋଡ ଭାଙ୍ଗିଯାଇଛି। ଚିକିତ୍ସାଧୀନ ଯୁବକ ଜଣକ ହାଟଗୁଡା ପଞ୍ଚାୟତ ଦୋରାଗୁଡା ଗ୍ରାମର ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ହୋଇଥିବା ସହ (ଓଡ଼ି ୧୦ଏମ୍-୧୩୪୧)ର ଦୁଇ ଆରୋହୀ ସଦନ ଚେଟି ଏବଂ ବିକ୍ରମ ଖରା ମଧ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଖବର ପାଇ ପଟ୍ଟାଙ୍ଗୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ୨ଟିକୁ ଜବତ କରିଛି। ମୃତଦେହ ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବ୍ୟବଚ୍ଛେଦ କରି ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପଥରରେ ଆକ୍ରମଣ କରି ଜଣେ ଗିରଫ



ଜୟପୁର,୧୧।୪ (ନି.ପ୍ର.)- ପୂର୍ବ ବିବାଦକୁ ନେଇ ଜଣଙ୍କୁ ପଥରରେ ଆକ୍ରମଣ କରିବା ଘଟଣାରେ ଜୟପୁର ଟାଉନଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଅଶୋକ ଏଲିୟସ ଘନଶ୍ୟାମ ଖିଲା। ତାଙ୍କ ଘର ଜୟପୁର ନାରାୟଣ ତୋଟାସାହିରେ। ଖବରରୁ ଜଣାପଡଛି, ଅଶୋକ ନାରାୟଣତୋଟା ସାହି ଛକରେ ଏକ ଜଳଖିଆ ଦୋକାନ କରିଥିଲେ। ଗତ ୭।୪।୨୨ରେ ପୁରୁଣା ବିବାଦକୁ ନେଇ ସେ ସୁନିଲ ସାଗରଙ୍କୁ ଏକ ପଥରରେ ଆକ୍ରମଣ କରିଥିଲେ। ଫଳରେ ସୁନିଲ ଘଟଣା ସ୍ଥଳରେ ଗୁରୁତର ହୋଇପଡିଥିଲେ। ଏନେଇ ସୁନିଲଙ୍କ ସ୍ତ୍ରୀ ଟାଉନଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଶୋକ ଅଭିଯୁକ୍ତ ବୋଲି ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

### ୨ ଦୁର୍ଘଟଣାରେ ୩ ମଇଁଷି ମୃତ

ବୈପାରିଗୁଡା,୧୧।୪ (ଡି.ଏନ୍.ଏ.)- ସୋମବାର ସନ୍ଧ୍ୟାରେ ବୈପାରିଗୁଡାରୁ ୨ କି.ମି. ଦୂର ଗୌଡଗୁଡା ଛକଠାରେ ୨ଟି ଦୁର୍ଘଟଣା ହୋଇଛି। ଏଥିରେ ୩ଟି ମଇଁଷିଙ୍କ ମୃତ୍ୟୁ ଘଟିଛି। ପ୍ରଥମ ଦୁର୍ଘଟଣାରେ ଏକ ଜେସିବି ବୈପାରିଗୁଡା ଅଭିମୁଖେ ଆସୁଥିବା ବେଳେ ସେଠାରେ ଛିଡା ହୋଇଥିବା ୩ଟି ମଇଁଷିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମଇଁଷିଗୁଡିକର ମୃତ୍ୟୁ ହୋଇଥିଲା। ଜେସିବି ଡ୍ରାଇଭର ବୈପାରିଗୁଡା ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଲୋକେ ରୁଣ୍ଡ ହୋଇଥିବା ଦେଖି ହାଇଦ୍ରାବାଦ ଅଭିମୁଖେ ଯାଉଥିବା ମହାବାହୁ ନାମକ ଘରୋଇ ବସ୍ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ୟୁକାଲପଟାସ ଜଙ୍ଗଲ ଭିତରକୁ ପଶିଯାଇଥିଲା। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବନ୍ଧୁମିଳନ କାର୍ଯ୍ୟକ୍ରମ

ଜୟପୁର,୧୧।୪ (ନି.ପ୍ର.)- ଜୟପୁର ପୌର ବିଦ୍ୟାଳୟ ନଂ-୧ରେ ୧୯୮୧ ମସିହା ମାଟ୍ରିକ ବ୍ୟାଚର ଛାତ୍ର ମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ୪ ଜଣ ଶିକ୍ଷକ ଶିକ୍ଷକ ଯୋଗଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

# ସ୍ଥାନୀୟ ଜନପ୍ରତିନିଧି, ମଧ୍ୟସ୍ଥଙ୍କୁ ଉତ୍ତରଦାୟୀ କଲେ ହ୍ରାସ ପାଇବ

## ବାଲ୍ୟ ବିବାହ, ଯୁବତୀ ଚାଲାଣ ରୋକିବା ଚିନ୍ତା

ମାଲକାନଗିରି,୧୧।୪ (ଡି.ଏନ.ଏ)

ମାଲକାନଗିରି ଜିଲା ବାଲ୍ୟବିବାହ ଓ ଯୁବତୀ ଚାଲାଣରେ ଓଡ଼ିଶା ଏକ ନମ୍ବର ସ୍ଥାନରେ ରହିଛି। ଏହାକୁ କିପରି ରୋକାଯାଇପାରିବ ସେନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ପଦକ୍ଷେପମାନ ନିଆଯାଇଛି । ଜନ ସଚେତନତାର ଅଭାବ ଏବଂ ଏଥିପାଇଁ କଠୋର ଆଇନ ବ୍ୟବସ୍ଥା ନ ଥିବାରୁ ଏହାକୁ ରୋକିବା କଷ୍ଟକର ହୋଇପଡୁଛି। ସ୍ଥାନୀୟ ଜନପ୍ରତିନିଧି ଏବଂ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ନେଉଥିବା ବ୍ୟକ୍ତି (ମଧ୍ୟସ୍ଥ)ଙ୍କୁ ଉତ୍ତରଦାୟୀ କରାଗଲେ ଏହା ରୋକାଯାଇପାରିବ ବୋଲି ସୋମବାର ଆୟୋଜିତ କର୍ମଶାଳାରେ ଆଲୋଚନା ବେଳେ ମତ ପ୍ରକାଶ ପାଇଛି। ଡିଆରଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଶିଶୁ ସୁରକ୍ଷା ଅଧିକାରୀ ସୁଦେଷ୍ଣା ରାଉତଙ୍କ ସହ ୭୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ବିଭାଗ ପକ୍ଷରୁ ୫୦ ଦିନିଆ ସଚେତନତା କାର୍ଯ୍ୟକ୍ରମ ପଞ୍ଚାୟତସ୍ତରରେ କରାଯିବାକୁ ସ୍ଥିର ହୋଇଛି। ଏହାଦ୍ୱାରା ଲୋକଙ୍କ ଉପରେ କି ପ୍ରଭାବ ପଡିବ ଏବଂ ଅଭିଭାବକମାନେ ସଚେତନ ହେବେ କି ବାଲ୍ୟବିବାହକୁ ପ୍ରୋତ୍ସାହନ ଦେବେ ସେନେଇ ଆଲୋଚନାବେଳେ ମତ ପ୍ରକାଶ ପାଇଥିଲା। ତେବେ ଯେ ପର୍ଯ୍ୟନ୍ତ ଯୁବତୀ ଚାଲାଣ କରୁଥିବା ବ୍ୟକ୍ତି ଏବଂ ବାଲ୍ୟବିବାହକୁ ପ୍ରୋତ୍ସାହନ ଦେଉଥିବା ମଧ୍ୟସ୍ଥ, କନ୍ୟା ଏବଂ ବରପିତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନ ହୋଇଛି ଏହାକୁ ରୋକିବା ସମ୍ଭବପର ନୁହେଁ। ଯେଉଁ ଗ୍ରାମରେ ଏସବୁ ଘଟଣା ଘଟୁଛି ସେହି ଗ୍ରାମ ଏବଂ ପଞ୍ଚାୟତର ଜନପ୍ରତିନିଧିଙ୍କୁ ଉତ୍ତରଦାୟୀ କରାଯାଇ ଆଇନଗତ ପଦକ୍ଷେପ ନେଲେ ଆଗାମୀ ଦିନରେ ବାଲ୍ୟବିବାହ ଏବଂ ଯୁବତୀ ଚାଲାଣ ରୋକାଯାଇପାରିବ ବୋଲି ଆଲୋଚନା ବେଳେ ଗଣମାଧ୍ୟମ ପ୍ରତିନିଧିମାନେ ମତ ଦେଇଥିଲେ । କର୍ମଶାଳାରେ ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ୟୁନିସେଫ୍‌ର ଜିଲା ସଂଯୋଜକ ପ୍ରସନ୍ନ ମିଶ୍ର , ଶିଶୁ ମଙ୍ଗଳ କମିଟି ସଦସ୍ୟା ଚୁମୁକି ବେହେରା, ଆଇନ ପରାମର୍ଶଦାତା ସତ୍ୟଜିତ୍ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କର୍ମଶାଳାରେ ଆଲୋଚନାରତ ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି।

# ୭୦ ବସ୍ତା ମହୁଲ ଜବତ, ୨ ଗିରଫ

## ଧରାପଡିଲା ମହୁଲ ଚୋରା ଚାଲାଣ

ମାଲକାନଗିରି,୧୧।୪ (ଡି.ଏନ.ଏ.)

ବେନିୟମ ଭାବେ ଏକ ପିକ୍ଅପ୍ ଭ୍ୟାନରେ ମହୁଲ ଚୋରାଚାଲାଣ ହେଉଥିବା ବେଳେ ମାଲକାନଗିରି ପୋଲିସ ଏହାକୁ ଜବତ କରିଛି। ଏହି ମହୁଲ ଛତିଶଗଡ ଚାଲାଣ ହେଉଥିଲା। ପିକ୍ଅପ୍ ଭ୍ୟାନ (ଓଡ଼ି ୩୦ ବି-୬୫୭୭)ରୁ ୭୦ ବସ୍ତା ମହୁଲ ମହୁଲ ମିଳିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏମ.ଭି -୧୬ ଗ୍ରାମର ପ୍ରଶାନ୍ତ ବୈଦ୍ୟ ଏବଂ କୁମୁଦ୍ ମଲ୍ଲିକ୍। ଭ୍ୟାନଟି ମହୁଲ ଧରି ଶିଖିପାଲି ଦେଇ ଛତିଶଗଡ ଯାଉଥିବା ଖବର ପାଇ ପୋଲିସ ନାମକୋଣ୍ଡାଠାରେ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଚାଳକ ନେଉଥିବା ମହୁଲର କୌଣସି ସରକାରୀ କାଗଜପତ୍ର ଦେଖାଇ ନ ପାରିବାରୁ ଏହାକୁ ଜବତ କରାଯାଇଥିଲା। କେସ୍ ନଂ. ୧୯୬/୨୨ରେ ଏକ ମାମଲା ରୁଜୁ ହୋଇଥିବା ସଦର ଥାନା ଆଇଆଇସି ରିଗାନ୍ କିଣ୍ଡୋ କହିଛନ୍ତି।



ଜବତ ମହୁଲ ବୋଝେଇ ଭ୍ୟାନ।

# ଦୁର୍ଦ୍ଧାନ୍ତ ନିଶା ବେପାରୀ ହାଇଦ୍ରାବାଦରୁ ଗିରଫ

- ମାଲକାନଗିରି ପୋଲିସ ପାଇଁ ୱାଣ୍ଟେଡ୍ ଥିଲେ
- ମାମଲା ରୁଜୁ ପରେ ୬ ମାସ ଧରି ଫେରାର ଥିଲେ

ଭୁବନେଶ୍ୱର,୧୧।୪(ବ୍ୟୁରୋ):

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ମାଲକାନଗିରି ପୋଲିସର ମିଳିତ ଟିମ୍ ଫେରାର ଥିବା ଜଣେ ଦୁର୍ଦ୍ଧାନ୍ତ ନିଶା ବେପାରୀଙ୍କୁ ହାଇଦ୍ରାବାଦରୁ ଗିରଫ କରିଛି। ସେ ହେଲେ ହାଇଦ୍ରାବାଦ ଅମ୍ବରପେଟ ଥାନା ଅନ୍ତର୍ଗତ ସାଇକ୍ରୀଷ୍ଣନଗରର ଥାଇଲଶ୍ୟାମ ସୁନ୍ଦର(୨୬)। ସେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ପାଇଁ ୱାଣ୍ଟେଡ୍ ଥିଲେ। ଶୁକ୍ରବାର ତାଙ୍କୁ ଗିରଫ କରାଯିବା ପରେ ହାଇଦ୍ରାବାଦର ଚିଫ୍ ମେଟ୍ରୋପଲିଟାନ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ପୋଲିସ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ରବିବାର ମାଲକାନଗିରି ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ହାଜର କରିଛି। କୋର୍ଟ ଜାମିନ ନାମଞ୍ଜୁର କରିବାରୁ ଅଭିଯୁକ୍ତ ଥାଇଲଶ୍ୟାମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ୨୦୨୧ ଅକ୍ଟୋବର ୩ରେ ଚିତ୍ରକୋଣ୍ଡା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ୍‌କୁ ଜବତ କରିବା ସହ ଆନ୍ଧ୍ରପ୍ରଦେଶ ଇଷ୍ଟ ଗୋଦାବରୀ ଜିଲାର ଡ୍ରାଇଭର ଏନ୍. ବୁଲୁଙ୍କୁ ଗିରଫ କରିଥିଲା। ଉକ୍ତ ଟ୍ରକ୍‌ରୁ ୧୦୫୧ କେଜି ଗଞ୍ଜେଇ ଜବତ ହୋଇଥିଲା। ଚିତ୍ରକୋଣ୍ଡା ଥାନାରେ ଏନେଇ ଏକ ମାମଲା (ନଂ.୧୨୧/୨୧) ରୁଜୁ କରାଯାଇଥିଲା। ଗଞ୍ଜେଇକୁ ସେ ତେଲଙ୍ଗାନା ରେଖାପଲ୍ଲୀ ଅଞ୍ଚଳରୁ ଆନ୍ଧ୍ରପ୍ରଦେଶର ରାଜାମୁଣ୍ଡ୍ରି ଅଞ୍ଚଳକୁ ନେଉଥିଲେ। ଅଭିଯୁକ୍ତ ଥାଇଲଶ୍ୟାମଙ୍କ ନିର୍ଦ୍ଦେଶରେ ସେ ତାହାକୁ ଚାଲାଣ କରୁଥିଲେ ବୋଲି ପୋଲିସ ଆଗରେ କହିଥିଲେ। ପୋଲିସ ଥାଇଲଶ୍ୟାମଙ୍କ ନାଁରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରିବାକୁ ଯୋଜନା କରିଥିଲା। ହେଲେ ସେ ଫେରାର ହୋଇଯିବାରୁ ତାଙ୍କ ବିଷୟରେ ସୂଚନା ଦେବାକୁ ସ୍ଥାନୀୟ ଅମ୍ବରପେଟ ଥାନାକୁ କୁହାଯାଇଥିଲା। ଶୁକ୍ରବାର ସେ ଘରକୁ ଫେରିଥିବା ଜଣାପଡ଼ିବା ପରେ ମାଲକାନଗିରି ପୋଲିସ ଏସ୍‌ଟିଏଫ୍ ସହାୟତାରେ ସେଠାକୁ ଯାଇଥିଲା। ସ୍ଥାନୀୟ ପୋଲିସ ସହଯୋଗରେ ମିଳିତ ଟିମ୍ ତାଙ୍କ ଘରେ ଚଢ଼ାଉ କରି ଥାଇଲଶ୍ୟାମଙ୍କୁ କାବୁ କରିଥିଲା।



ଥାଇଲଶ୍ୟାମ ସୁନ୍ଦର

# ହାର୍ଡକୋର ମାଓବାଦୀ ସାଗରଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୧।୪ (ଡି.ଏନ.ଏ.)

ସୋମବାର ମାଲକାନଗିରି ଏସ୍‌ପି ନୀତେଶ୍ ୱାଧ୍‌ୱାନି ଓ ବିଏସ୍‌ଏଫ୍ ଡିଆଇଜି ଏସ.କେ. ସିହ୍ନାଙ୍କ ନିକଟରେ ଜଣେ ହାର୍ଡକୋର ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ସେ ହେଲେ ବନ୍ତଲା ରାଜୁ ଓରଫ ସାଗର। ପୂର୍ବରୁ ତାଙ୍କ ନାମରେ ଏକ ଲକ୍ଷ ଟଙ୍କାର ଅର୍ଥ ରାଶି ଘୋଷଣା ହୋଇଥିଲା। ସାଗର ମାଓବାଦୀ ସଙ୍ଗଠନରେ ଆନ୍ଧ୍ର-ଓଡ଼ିଶା ଜୋନାଲ କମିଟିର ଏସିଏମ ରୂପେ କାର୍ଯ୍ୟ କରୁଥିଲେ। ୨୦୧୬ରେ ସେ ଏଓବି ମାଓବାଦୀ ସଙ୍ଗଠନରେ ସାମିଲ ହୋଇ ଓଡ଼ିଶା-ଆନ୍ଧ୍ର ପ୍ରଦେଶରେ ସକ୍ରିୟ ଥିଲେ। ସ୍ୱାଭିମାନ ଅଞ୍ଚଳରେ ଘଟିଥିବା ଅନେକ ହତ୍ୟା ଓ ଲୁଟ୍ ଘଟଣାରେ ସାଗର ଜଡିତ ଥିଲେ ।

ଏବେ ସ୍ୱାଭିମାନ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା କରି ରାଜ୍ୟ ସରକାର ସମ୍ପୃକ୍ତ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ଏଥିରେ ପ୍ରଭାବିତ ହୋଇ ସାଗର ମାଓବାଦୀ ସଙ୍ଗଠନ ଛାଡିଥିବା ଏସ୍‌ପି ୱାଧ୍‌ୱାନି ଓ ବିଏସ୍‌ଏଫ୍ ଡିଆଇଜି ସିହ୍ନା କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଥିବା ସମସ୍ତ ସୁବିଧା ସୁଯୋଗ ତାଙ୍କୁ ମିଳିବ। ବର୍ତ୍ତମାନ ସୁଦ୍ଧା ମାଓବାଦୀ ସଙ୍ଗଠନରେ ରହି ଯେଉଁମାନେ ହିଂସା ଘଟାଉଛନ୍ତି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲହେବାକୁ ଏହି ଅବସରରେ ଏସ୍‌ପି ଆହ୍ୱାନ ଦେଇଛନ୍ତି।



ସାଗରଙ୍କୁ ଏସ୍‌ପି ଓ ଡିଆଇଜି ସ୍ୱାଗତ କରୁଛନ୍ତି।

# ଅବିଭକ୍ତ କୋରାପୁଟ ଜିଲାକୁ ଅବହେଳା ଅଭିଯୋଗ

## ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା

ଜୟପୁର,୧୧।୪ (ନି.ପ୍ର.)

ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଅବିଭକ୍ତ କୋରାପୁଟ ଜିଲାକୁ ଅବହେଳା କରାଯାଉଥିବା ଶବରୀ ସାଂସ୍କୃତିକ ପରିଷଦ ଅଭିଯୋଗ କରିଛି। ସଂସ୍ଥାର କାର୍ଯ୍ୟକାରୀ ଉପସଭାପତିଙ୍କ ଗୌରଚନ୍ଦ୍ର ତ୍ରିପାଠୀ ନେତୃତ୍ୱରେ ବରିଷ୍ଠ କଳାକାର ବିଜୟ ସାମନ୍ତରାୟ, ଧୀରେନ ମୋହନ ପଟ୍ଟନାୟକ, ମୁରଲୀ ପଟ୍ଟନାୟକ, ମନୋଜ ପାତ୍ର ନାଟକ ପ୍ରତିଯୋଗିତାର ଆୟୋଜକଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅବିଭକ୍ତ କୋରାପୁଟ ଜିଲାର କୌଣସି ନାଟ୍ୟ ଦଳକୁ ଏହି ପ୍ରତିଯୋଗିତାରେ ସାମିଲ କରାଯାଇ ନ ଥିବାରୁ ଏହା ଜିଲାର କଳାକାରଙ୍କ ପ୍ରତି ଅପମାନ ବୋଲି ପରିଷଦ ପକ୍ଷରୁ କୁହାଯାଇଥିଲା। ଆୟୋଜକ ଏବଂ ନାଲକୋ ଜେନେରାଲ ମ୍ୟାନେଜର ଏଭଳି ଭୁଲକୁ ସ୍ୱୀକାର କରିବା ସହ ଏଥିପାଇଁ ଦୁଃଖ ପ୍ରକାଶ କରିଥିଲେ। ଏଭଳି ଭୁଲ ଆଗାମୀ ଦିନରେ ହେବନାହିଁ ବୋଲି କଳାକାରମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ପ୍ରତିନିଧି ଦଳ ନାଲକୋ ଇଡିଙ୍କୁ ମଧ୍ୟ ଫୋନ ଯୋଗେ ନିଜ ଅସନ୍ତୋଷ ଜଣାଇଥିଲେ। ସେ ମଧ୍ୟ ଏହାକୁ ଏକ ଭୁଲ ବୋଲି ସ୍ୱୀକାର କରି ଯେପରି ଏଭଳି ଭୁଲର ପୁନରାବୃତ୍ତି ନହୁଏ ସେନେଇ ଆୟୋଜକମାନଙ୍କୁ ତାଗିଦ କରିଥିଲେ।



ଶବରୀ ସାଂସ୍କୃତିକ ପରିଷଦ କଳାକାରମାନେ ନାଲକୋ ଜେନେରାଲ ମ୍ୟାନେଜରଙ୍କ ସହ ଆଲୋଚନା କରୁଛନ୍ତି।

# ବୈଠକରୁ ମିଳିଲାନି ନିର୍ଯ୍ୟାସ

## କାଗଜ କଳ ଉତ୍ପାଦନ ସମସ୍ୟା

ଜୟପୁର,୧୧।୪ (ନି.ପ୍ର.)

ଜୟପୁର ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ କାଗଜ କଳ ଶ୍ରମିକ କର୍ମଚାରୀ ସଂଘର ସଦସ୍ୟ, ମ୍ୟାନେଜମେଣ୍ଟ ପ୍ରତିନିଧିମାନଙ୍କ ଏକ ବୈଠକ ଜୟପୁର ଶ୍ରମ ଅଧିକାରୀଙ୍କ ଉପସ୍ଥିତିରେ ସୋମବାର ଅନୁଷ୍ଠିତ ହୋଇଛି। ଉପ ଜିଲାପାଳ ବେଦବର ପ୍ରଧାନ, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ଉପସ୍ଥିତ ଥିଲେ। କାଗଜ କଳରୁ ଉତ୍ପାଦନ ଆରମ୍ଭ ପାଇଁ ରହିଥିବା ସମସ୍ୟା ଦୂର ପାଇଁ ଏହି ବୈଠକ ହୋଇଥିଲା। ତେବେ ବୈଠକରୁ କୌଣସି ନିର୍ଯ୍ୟାସ ବାହାରି ନ ଥିଲା। ଉପଜିଲାପାଳ ଉଭୟ ପକ୍ଷଙ୍କୁ ସମାଧାନର ବାଟ ବାହାର କରିବାକୁ ପରାମର୍ଶ ଦେଇଛନ୍ତି। ଏଠାରେସୂଚନାଯୋଗ୍ୟ, ନୂଆ ମ୍ୟାନେଜମେଣ୍ଟ ନୂଆ ଚାକିରି ସର୍ତ୍ତାବଳୀ ଓ ଦରମା ଲାଗୁ କରିବା ପାଇଁ ଜିଦ ଧରିଥିବା ବେଳେ ଶ୍ରମିକ କର୍ମଚାରୀ ସଂଗଠନଗୁଡିକ ବିଜିପିପିଏଲ କମ୍ପାନୀରେ ଯେଉଁ ଚାକିରି ସର୍ତ୍ତାବଳୀ ଓ ଦରମା ଥିଲା ତାକୁ ଅବ୍ୟାହତ ରଖିବାକୁ ଦାବି କରୁଛନ୍ତି। କାରଣ ତାହା ଆଇନାନୁମୋଦିତ। କମ୍ପାନୀ ଦରମା କମାଇବାକୁ କରୁଥିବା ଉଦ୍ୟମକୁ କୌଣସି ପ୍ରକାରେ ଗ୍ରହଣ କରାଯିବ ନାହିଁ ବୋଲି ଶ୍ରମିକ-କର୍ମଚାରୀ ସଙ୍ଗଠନ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କାରଖାନା ନେବା ଆଗରୁ ଆଲୋଚନା କରି ସମସ୍ୟା ସମାଧାନ କରିବାର ଆବଶ୍ୟକ ଥିଲେ ମଧ୍ୟ ନୂଆ କମ୍ପାନୀ ତାହା କରିନାହିଁ । ପୁରୁଣା କମ୍ପାନୀ ମାଲିକଙ୍କୁ ୧୦୦ କୋଟି ଟଙ୍କା ନେଇଥିବା ବେଳେ ଶ୍ରମିକ-କର୍ମଚାରୀ ମାନଙ୍କ କଥା କମ୍ପାନୀ ବିଚାରକୁ ନେଇନାହିଁ । ଚାକିରି ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ବୋଲି କମ୍ପାନୀ ଘୋଷଣା କଲେ ସବୁପ୍ରକାର ସହଯୋଗ କରାଯିବ। ବକେୟା ପାଉଣା ଉତ୍ପାଦନ ପରେ କିସ୍ତିରେ ଦେଲେ ମଧ୍ୟ ଗ୍ରହଣୀୟ ହେବ ବୋଲି ସେମାନେ କହିଛନ୍ତି। ବୈଠକରେ ମ୍ୟାନେଜମେଣ୍ଟ ପକ୍ଷରୁ ୟୁନିଟ ହେଡ୍ ଏସଏସ ପାଲ, ଏଚଆର୍ ହେଡ ରମେଶ ଯାଦବ, ଦିଲ୍ଲୀରୁ କମ୍ପାନୀର ପ୍ରତିନିଧି ଏମକେ ଗୁପ୍ତା, ଲବ ଶର୍ମା ଓ ଶ୍ରମିକ କର୍ମଚାରୀ ମାନଙ୍କ ପକ୍ଷରୁ ପ୍ରମୋଦ ମହାନ୍ତି, ଜୟନ୍ତ ସାନ୍ତ୍ରା, ସୁନିଲ ପ୍ରହରାଜ, ଧୀରେନ୍ଦ୍ର ମହାନ୍ତି, ପ୍ରଦୀପ ପାଣ୍ଡିଆ, ସରୋଜ ସୁଆର, ସୁନିଲ ସାହୁ, ଅମନ ଉଜ୍ଜ୍ୱିନ ନାୟକ, ବାଳକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଜନପ୍ରତିନିଧିଙ୍କୁ ଅପମାନ ଅଭିଯୋଗ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଜିଲା ପରିଷଦ ସଭ୍ୟା

ନବରଙ୍ଗପୁର,୧୧।୪ (ବି.ପ୍ର)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜିଲା ପରିଷଦ ଜୋନ୍-୨ ସଭ୍ୟା ଲିପିକା ମାଝି ଜିଲାପାଳଙ୍କୁ ଭେଟିଛନ୍ତି। ତାଙ୍କୁ ଅପମାନ କରାଯାଇଥିବା ନେଇ ସେ ଲିଖିତଭାବେ ଅଭିଯୋଗ କରିଛନ୍ତି। ପାପଡାହାଣ୍ଡି ବିଡ଼ିଓ ରଞ୍ଜିତା ମଳିକ ତାଙ୍କୁ ଅଣଦେଖା କରିଥିବା ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାନୁଯାୟୀ, ଚେରେଚେଟା ପଞ୍ଚାୟତ ବରଦେଇ ଗ୍ରାମରେ ଆବାସ ଯୋଜନାରେ ବଳି ଭତରା ନାମକ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କ ଟଙ୍କା ଉଠାଯାଇଛି। କିନ୍ତୁ ହିତାଧିକାରୀଙ୍କୁ ଘର ମିଳିନି। ଏହି ଘଟଣାରେ ବିଡିଓଙ୍କ ତଦନ୍ତରେ ଶିଥିଳତା ନେଇ ଲିପିକା କଂଗ୍ରେସ ଟିମ ସହ ବ୍ଲକକୁ ଯାଇଥିଲେ। କିନ୍ତୁ ବିଡିଓ ଖାଇବା ସମୟ ହୋଇଯାଇଛି କହି ଘଟଣା ସମ୍ପର୍କରେ କିଛି କହିବାକୁ ମନା କରିଦେଇ ଚାଲିଯାଇଥିବା ଲିପିକା ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଜଣେ ଜନ ପ୍ରତିନିଧିଙ୍କୁ ବିଡ଼ିଓ ଆକ୍ରୋଶ ମୂଳକ ପଦକ୍ଷେପ ରଖି ଏପରି ଅପମାନ କରିଥିବାରୁ ଏହାର ତଦନ୍ତ ଲାଗି ସେ ଜଣାଇଛନ୍ତି। ଏ ନେଇ ବିଡିଓ ରଞ୍ଜିତା ମଳିକଙ୍କୁ ତାଙ୍କ ଟେଲିଫୋନ ନମ୍ବର ୯୭୭୭୯୬୯୫୭୫ରେ ଯୋଗାଯୋଗ କରାଯାଇଥିବା ବେଳେ ତାହା ବନ୍ଦ ଥିଲା ।

### ୧୬ ଦାଦନ ଶ୍ରମିକ ଉଦ୍ଧାର

ନବରଙ୍ଗପୁର,୧୧।୪(ବି.ପ୍ର.)

ତାମିଲନାଡୁ ରାଜ୍ୟକୁ ଚାଲାଣ ବେଳେ ୧୬ ଦାଦନ ଶ୍ରମିକ ଉଦ୍ଧାର ହୋଇଛନ୍ତି। ନବରଙ୍ଗପୁର ପୋଲିସ, ଚାଇଲ୍ଡ ଲାଇନ, ଜିଲା ଶ୍ରମ ବିଭାଗର ମିଳିତ ଚଢ଼ାଉରେ ଏହି ଦାଦନ ଶ୍ରମିକମାନେ ଉଦ୍ଧାର ହୋଇଛନ୍ତି। କୋଷାଗୁମୁଡା ବ୍ଲକର ବିଭିନ୍ନ ସ୍ଥାନରୁ ଗୁପ୍ତା ନାମକ ଏକ ଘରୋଇ ବସରେ ତାମିଲନାଡୁକୁ ଦାଦାନ ଖଟାଇବାକୁ ନିଆଯାଉଥିଲା। ଖବରପାଇ ନବରଙ୍ଗପୁର ପୋଲିସ, ଚାଇଲ୍ଡ ଲାଇନ, ଜିଲା ଶ୍ରମ ବିଭାଗର ଏକ ଟିମ୍ ବସ୍‌କୁ ଅଟକାଇ ୧୬ଜଣଙ୍କୁ ଉଦ୍ଧାର କରିଛି। ସେମାନେ ତାମିଲନାଡୁ ଶିରପୁରକୁ ଏକ ସୂତା କଳରେ କାମ କରିବାକୁ ଯାଉଥିବା ଜଣାପଡିଛି। ଉଦ୍ଧାର ପିଲାମାନଙ୍କ ପରିବାର ଲୋକ ଆସିବା ପରେ ସମସ୍ତ ଡକ୍ୟୁମେଣ୍ଟ ଯାଞ୍ଚ କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯିବ ବୋଲ ଜିଲା ଶ୍ରମ ଅଧିକାରୀ କହିଛନ୍ତି। ଯାଞ୍ଚ ପରେ ସେଥିରୁ କେତେ ନାବାଳକ ଅଛନ୍ତି ସ୍ପଷ୍ଟ ହେବ।

### ସୀମାନ୍ତ କୋଟିଆ ପଞ୍ଚାୟତରେ ଅଭିଯୋଗ ଶୁଣାଣି

ପଟ୍ଟାଙ୍ଗୀ,୧୧।୪(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ସୋମବାର ଅଭିଯୋଗ ଶୁଣାଣି ଶିବିର କରିଛି। ଏଥିରେ ବ୍ଲକ ଅଧ୍ୟକ୍ଷ କଳ୍ପନା ପାଙ୍ଗି , ବିଡିଓ ସୌମ୍ୟସାର୍ଥକ ମିଶ୍ର କୋଟିଆ ସରପଞ୍ଚ ଲିୟୁ ଗେମେଲ ପ୍ରମୁଖ ଉପସ୍ଥିତ ରହି ଆସିଥିବା ୫୫ଟି ଅଭିଯୋଗର ଶୁଣାଣି କରିଥିଲେ। ପଞ୍ଚାୟତର ୧୩ ୱାର୍ଡସଭ୍ୟଙ୍କ ସମେତ ସୀମାନ୍ତ ଗ୍ରାମବାସୀଙ୍କ ପକ୍ଷରୁ ୭ଟି ଆବାସ ଗୃହ ପାଇଁ ଆବେଦନପତ୍ର ଦେଇଥିଲେ। ୨ଟି ବାର୍ଦ୍ଧକ୍ୟ ଭତ୍ତା, ଜମି ମରାମତି ଓ ଆଡବନ୍ଧ ମରାମତି ଲାଗି ଦରଖାସ୍ତ ଆସିଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅଧିକାରୀମାନେ ନିଜ କାର୍ଯ୍ୟାଳୟ ଅଧୀନରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଏକ ପ୍ରାଣୀ ଚିକିତ୍ସା ଶିବିର ହୋଇଥିଲା। ସୂଚନାଯୋଗ୍ୟ, ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ସାମିଲ କରିବା ନିୟମ ଥିବା ବେଳେ ଏଥିରେ ବ୍ଲକର ୧ନଂ. ଜୋନ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟା ଏବଂ ସମିତିସଭ୍ୟା ରଜନୀ ପାଙ୍ଗିଙ୍କୁ ଡକାଯାଇ ନ ଥିଲା। ଏ ସମ୍ପର୍କରେ ଆମେ କିଛି ଜାଣିନାହୁଁ କି ଆମକୁ କେହିଜଣାଇନାହାନ୍ତିବୋଲିଉଭୟେ କହିଛନ୍ତି।

# ମେଡିକାଲ କଲେଜର ଆଉଟ ସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କୋରାପୁଟ,୧୧।୪(ସ୍ୱ.ପ୍ର.)

ଫେବୃଆରୀ ମାସର ପୂର୍ଣ୍ଣ ଦରମା, ଇପିଏଫ ଜମା ରସିଦ ଓ ବର୍ଦ୍ଧିତ ଦରମା କେତେ ତାହା ଜଣାଇବା ଦାବି ନେଇ ସୋମବାର ସକାଳୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଆଉଟ ସୋର୍ସିଂ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମାର୍ଚ୍ଚ ୨୩ରେ କର୍ମଚାରୀମାନେ ନିଜ ଦାବି ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ଓ ସମାଧାନ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଜଣାଇଥିଲେ। ତଥି କୌଣସି ସୁଫଳ ନ ମିଳିବାରୁ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କର୍ମଚାରୀଙ୍କ ଲହି ଆନ୍ଦୋଳନ ଯୋଗୁ କୋରାପୁଟ ମେଡିକାଲ ଓ କଲେଜ ପରିସରରେ ସୋମବାର ଅଳିଆ ଆବର୍ଜନା ସଫା ନ ହୋଇ ପଡି ରହିଛି। ଆମ ଦରମା କେତେ ତାହା ଆମକୁ ଜଣାଯାଉନାହିଁ। ଆମକୁ ପୂର୍ଣ୍ଣ ଦରମା ମିଳିନାହିଁ। ତାହାର କାରଣ କ'ଣ ଜଣାଇବା ସହ ପ୍ରତ୍ୟେକ ମାସରେ ନିୟମିତ ଭାବେ ଦରମା ପ୍ରଦାନ କରିବା ଆମ ଦାବି ବୋଲି ଆଉଟ୍ ସୋସିଂ କର୍ମଚାରୀ ... ୟୁ.ବିଜୟ କୁମାର ପ୍ରକାଶ କରିଛନ୍ତି।



କୋରାପୁଟ ମେଡିକାଲ କଲେଜ ଆଗରେ ଆଉଟ୍ ସୋର୍ସିଂ କର୍ମଚାରୀମାନେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମୁରାନ ଡ୍ୟାମରେ ପୋଲ ନିର୍ମାଣ ନେଇ ଟେଣ୍ଡର

- ବ୍ୟୟ ଅଟକଳ ହୋଇଛି ୩୨ କୋଟି ୧ ଲକ୍ଷ ୫୨ ହଜାର
- ଅଢ଼େଇ ବର୍ଷରେ ସରିବ କାର୍ଯ୍ୟ: ଏସଡିଓ

ଦଶମନ୍ତପୁର,୧୧।୪ ( ଡ଼ି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆରଶୁଣୀ ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଜଟିଆଗୁଡା ମୁରାନ ଡ୍ୟାମ୍ କେନାଲରେ ସ୍ଥାୟୀ ପୋଲ ନିର୍ମାଣ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ପଞ୍ଚାୟତବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ।

ଖବରରୁ ଜଣାପଡିଛି, ଜଟିଆଗୁଡ଼ା ମୁରାନ ନଦୀରେ ପୋଲ ନ ଥିବାରୁ ପଞ୍ଚାୟତବାସୀ ଜଳବନ୍ଦୀ ଜୀବନ ଅତିବାହିତ କରୁଥିଲେ। ଦେଶୀଡଙ୍ଗାରେ ଜୀବନକୁ ବାଜି ଲଗାଇ ରାୟଗଡ଼ା,କୋରାପୁଟ, ନବରଙ୍ଗପୁର ଜିଲାବାସୀ ନଦୀପାର ହୋଇ ଯାତ୍ରା କରିଆସୁଥିଲେ। ଏନେଇ ଅନେକ ଥର ଖବର ପ୍ରକାଶ ପାଇଆସୁଥିଲା। ସାମାଜିକ କର୍ମୀ ଦୀପା ବାରିକ ଏବଂ ଦିବସ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଏବଂ ବିଜେଡି ଜିଲା ଉପସଭାପତି ନାରାୟଣ ବିଶୋୟୀ ମଧ୍ୟ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ ଏଥିରୁ ସୁଫଳ ମିଳିଛି। ମୁରାନ ଡ୍ୟାମ୍‌ରେ ପୋଲ ନିର୍ମାଣ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଟେଣ୍ଡର ଲାଗି ପ୍ରସ୍ତୁତି ଚାଲିଛି। ଏଥିପାଇଁ ୩୨ କୋଟି ୧ ଲକ୍ଷ ୫୨ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପୋଲ ନିର୍ମାଣର ସମୟ ସୀମା ଅଢେଇ ବର୍ଷ ରଖାଯାଇଛି। ଟେଣ୍ଡର ପକାଇବା ଶେଷ ତାରିଖ ୨୮।୪।୨୨ ରଖାଯାଇଥିବା ବେଳେ ୨୯।୪।୨୨ରେ ଟେଣ୍ଡର ଖୋଲାଯିବାକୁ ଧାର୍ଯ୍ୟ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ କହିଛନ୍ତି।



ମୁରାନ ଡ୍ୟାମରେ ଦେଶୀ ଡଙ୍ଗାରେ ଲୋକେ ନଦୀ ପାର ହେଉଛନ୍ତି।

